# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 May - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଦେଶର ଷଷ୍ଠ ପର୍ଯ୍ୟାୟ ତଥା ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତାକାଲି ହେବ ମତଦାନ

— ରାଜ୍ୟରେ ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୯୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ସାବ୍ୟସ୍ତ କରିବେ ନିଜର ମତାଧିକାର

- ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବା ନେଇ ବୋର୍ଡ ପକ୍ଷରୁ ସୂଚନା

- ମାନସିକ ରୋଗ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ସ୍କିଜୋଫ୍ରେନିଆ ଦିବସ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ଅବପାତରେ ପରିଣତ; ଏହାର ପ୍ରଭାବରେ ଆସନ୍ତା ୨୬ ତାରିଖରେ ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା

## ଦେଶର ଷଷ୍ଠ ପର୍ଯ୍ୟାୟ ନିର୍ବାଚନ

ଦେଶର ଷଷ୍ଠ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଆସନ୍ତାକାଲି ଓଡ଼ିଶା ସମେତ ବିହାର, ହରିୟାଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ ଏବଂ ଜାମ୍ମୁ କାଶ୍ମୀରରେ ୫୮ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ମୋଟ୍ ୮ଶହ ଅଣାନବେ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ଆସନ୍ତାକାଲି ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ସେହି ଲୋକସଭା ଆସନ ଗୁଡ଼ିକ ହେଉଛି ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର ଓ ଢେଙ୍କାନାଳ । ଏହି ପର୍ଯ୍ୟାୟରେ ୯୪ଲକ୍ଷ ୪୮ହଜାର ୫୫୩ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ । ଏହି ପର୍ଯ୍ୟାୟରେ ୪୪୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ।

## ପ୍ରଧାନମନ୍ତ୍ରୀ, ଶାହାଙ୍କ ଓଡ଼ିଶା ଗସ୍ତ

ବିଜେପି ଦଳର ବରିଷ୍ଠ ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ **ସ୍ମୃତି ଇରାନୀ** ଆସନ୍ତାକାଲି ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି । ସେ ପାରାଦ୍ୱୀପର କୁଜଙ୍ଗ, କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଆଳି, ରେମୁଣାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବେ । ସେହିପରି ବିଜେପିର ବରିଷ୍ଠ

ନେତା ତଥା ପ୍ରଧାନମନ୍ତ୍ରୀ **ନରେନ୍ଦ୍ର ମୋଦୀ** ଆସନ୍ତା ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ **ଅମିତ୍ ଶାହା** ମଧ୍ୟ ଆସନ୍ତା ରବିବାର ଦିନ ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଅନ୍ୟପକ୍ଷରେ, କଂଗ୍ରେସ ଅଧ୍ୟକ୍ଷ **ମଲ୍ଲିକାର୍ଜୁନ ଖଡ୍‌ଗେ** ଏବଂ ଦଳର ବରିଷ୍ଠ ନେତା **ରାହୁଲ ଗାନ୍ଧୀ** ଆସନ୍ତା ୨୬ ତାରିଖରୁ ୨୮ ତାରିଖ ମଧ୍ୟରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର, ଭଦ୍ରକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

## ଅରୁଣ ଷଡଙ୍ଗୀ ସାମ୍ବାଦିକ ସମ୍ମିଳନୀ

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପୁଲିସ୍ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ **ଅରୁଣ କୁମାର ଷଡଙ୍ଗୀ** କହିଛନ୍ତି। ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜ୍ୟ ପୁଲିସ୍ ଏବଂ ଅର୍ଦ୍ଧ ସାମରିକ ବାହିନୀର ମୋଟ୍ ୩୫ ହଜାର ପୁଲିସ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

**- V/O -**

*(ଅରୁଣ କୁମାର ଷଡଙ୍ଗୀ)*

ନିର୍ବାଚନ ପୂର୍ବରୁ କେତେକ ଅଂଚଳରେ ରାଜନୈତିକ ହିଂସା ଓ ଆଇନ୍‌ଶୃଙ୍ଖଳା ପରିସ୍ଥିତିର ଖବର ମିଳୁଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଏହିସବୁ ଅଂଚଳରେ ଅପ୍ରୀତିକର ପରିସ୍ଥିତିକୁ ଏଡାଇ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଶ୍ରୀ ଧଳ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ୬ଟି ଲୋକସଭା ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ରରେ ମତଦାନ ପ୍ରକ୍ରିୟାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ୧୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ମୁତୟନ କରାଯାଇଛି।

## ନିର୍ବାଚନ–ସମ୍ବଲପୁର

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ **ସମ୍ବଲପୁର** ସଂସଦୀୟ କ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର କାର୍ଯ୍ୟ ସରିଥିବାବେଳେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ସବୁ ପ୍ରକାରର ପ୍ରସ୍ତୁତି ସରିଛି।

ଏ ନେଇ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ଆମର ସମ୍ବଲପୁର ସମ୍ବାଦଦାତା **ଗୁଣମଣି ବିଶ୍ୱାଳ**ଙ୍କ ରିପୋର୍ଟ....

**- V/O -**

## ନିର୍ବାଚନ-ନୟାଗଡ଼

ନୟାଗଡ଼ ଜିଲ୍ଲାର ରଣପୁର, ଖଣ୍ଡପଡା ଓ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଶାନ୍ତି, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଜି ପୋଲିଂ ପାର୍ଟିମାନେ ବୁଥ୍‌କୁ

ଯାଉଛନ୍ତି।  ୩ଟି ନିର୍ବାଚନମଣ୍ଡଳୀରେ ୭୦୩ଟି ବୁଥ୍ ରହିଛି। ସେହିପରି ସମ୍ବଲପୁର ଲୋକସଭା ଆସନ ଓ ଏହା ଅଧୀନରେ ଥିବା ୪ଟି ବିଧାନସଭା ଆସନ ପାଇଁ ଆଜି ପୋଲିଂ ଅଧିକାରୀମାନେ ଇଭିଏମ୍ ଓ ଭିଭିପାଟ୍ ମେସିନ୍ ନେଇ ନିଜ ନିଜର ବୁଥ୍ ଅଭିମୁଖେ ଯାତ୍ରା କରୁଛନ୍ତି।

## ମାଟ୍ରିକ ରେଜଲ୍ଟ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବ। ଏନେଇ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ ଆଜି ସୂଚନା ଦେଇଛନ୍ତି। ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୨୬ ତାରିଖ ସକାଳ ସାଢ଼େ ଦଶଟାରେ ରେଜଲ୍ଟ ପ୍ରକାଶ ପାଇବ। ସାଢ଼େ ୧୧ଟା ସୁଦ୍ଧା ବୋର୍ଡର ୱେବସାଇଟ୍ **www.bseodisha.ac.in**ରେ ଛାତ୍ରଛାତ୍ରୀମାନେ ନିଜ ପରୀକ୍ଷାଫଳ ଦେଖିପାରିବେ। ଏହାବ୍ୟତୀତ ଇଣ୍ଟରନେଟ୍ ସୁବିଧା ନ ଥିଲେ ଏସ୍ଏମ୍ଏସ୍ରେ ରେଜଲ୍ଟ ପାଇପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅପରାହ୍ଣ ୪ଟା ସୁଦ୍ଧା ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିହେବ। ମଇ ୨୯ ତାରିଖରୁ ଜୁନ୍ ୧୨ ମଧ୍ୟରେ ପରୀକ୍ଷାର୍ଥୀମାନେ ଖାତା ରି-ଚେକିଂ ପାଇଁ ଆବେଦନ କରିପାରିବେ।

## ଯାଆଁଳା ଉତ୍ପାଦନ

ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ସରକାରୀ ମତ୍ସ୍ୟ ଯାଆଁଳା କେନ୍ଦ୍ରରେ ଗୁଣ୍ଡ ଓ ଧାନି ପ୍ରଜାତିର ଯାଆଁଳା ଉତ୍ପାଦନ ହୋଇଥିବାବେଳେ ସେଗୁଡିକୁ ସରକାରୀ

ଦରରେ ବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇଛି । ଚଳିତବର୍ଷ ବହୁଦିନ ଧରି ବର୍ଷା ହୋଇ ନ ଥିବାରୁ ଏହି ଯାଆଁଳା ଉତ୍ପାଦନରେ ବହୁ ସମସ୍ୟା ସୃଷ୍ଟି ହୋଇଥିଲା। ଏକଲକ୍ଷ ଗୁଣ୍ଡ ଯାଆଁଳା ୧୦୦୦ ଟଙ୍କା ଏବଂ ଏକହଜାର ଧାନୀ ଯାଆଁଳାକୁ ୨୦୦ ଟଙ୍କାରେ ବିକ୍ରି କରିବା ପାଇଁ ଧାର୍ଯ୍ୟ ହୋଇଥିବା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

## ସ୍କିଜୋଫ୍ରେନିଆ ଦିବସ

ମାନସିକ ରୋଗୀଙ୍କ ନିମନ୍ତେ ସାମାଜିକ, ସ୍ନେହ, କରୁଣା ଜାଗ୍ରତ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ସ୍କିଜୋଫ୍ରେନିଆ ଦିବସ। ପ୍ରତିବର୍ଷ ମଇ ୨୪ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷର ପ୍ରସଙ୍ଗ ରହିଛି ଗୋଷ୍ଠୀର ଦୟାଭାବ ଶକ୍ତିକୁ ପାଳନ କରିବା।  ସ୍କିଜୋଫ୍ରେନିଆ ହେଉଛି ଏକ ମାନସିକ ସମସ୍ୟା। ଏହା ମଣିଷର ଭାବନା, ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷ ଭାବେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ ଏବଂ ତାର ନିଦ କମିଯାଏ। ଏବଂ ସେ ଅନ୍ୟମାନଙ୍କ ଉପରେ ସନ୍ଦେହ କରି ବିଶାଦ, ଅପଭ୍ରମ, ଚିନ୍ତାଗ୍ରସ୍ତ ହୋଇ ରହେ। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ୍ ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ପାଇବା ଯୋଗୁଁ ଏହି ରୋଗ ହୋଇଥାଏ। ଏଥିସହ ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇଥାଏ। ଏହା ଆମ ଦେଶରେ ପ୍ରତି ୧୦୦ ଜଣରେ ଜଣକୁ ହୋଇଥାଏ।

## ତାପମାତ୍ରା-ବିଦ୍ୟୁତ୍ ଶକ୍ତି

ଦେଶର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି। ରାଜଧାନୀ ଦିଲ୍ଲୀ ସମେତ ଏନ୍‌ସିଆର୍‌ରେ ତାପମାତ୍ରା ପ୍ରାୟ ୪୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ଲୋକମାନେ ଅଧିକମାତ୍ରାରେ ଏସି ଏବଂ ଏୟାରକୁଲର ବ୍ୟବହାର କରୁଥିବାରୁ ବିଦ୍ୟୁତ୍‌ଶକ୍ତିର ଚାହିଦା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଗତ ବୁଧବାର ଦିନ ଦେଶରେ ଗୋଟିଏ ଦିନରେ ସର୍ବାଧିକ ୨୩୫ ଗିଗାଓ୍ୱାଟ୍ ବିଦ୍ୟୁତ୍‌ଶକ୍ତି ବ୍ୟବହୃତ ହୋଇଥିବା ଜଣାପଡିଛି। ଚଳିତ ଗ୍ରୀଷ୍ମଋତୁରେ ଗୋଟିଏ ଦିନରେ ଏତେ ମାତ୍ରାର ବିଦ୍ୟୁତ୍‌ଶକ୍ତି ବ୍ୟବହାର ହେବା ସର୍ବାଧିକ ବୋଲି କୁହାଯାଇଛି।

## ପିଆଜ ରପ୍ତାନୀ କଟକଣା

କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରୁ କଟକଣା ହଟାଇବା ପରେ ୪୫ ହଜାର ଟନ୍‌ରୁ ଅଧିକ ପିଆଜ ଏପର୍ଯ୍ୟନ୍ତ ରପ୍ତାନୀ କରାଗଲାଣି ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପିଆଜର ଦର ବୃଦ୍ଧିକୁ ରୋକିବା ଲାଗି କେନ୍ଦ୍ର ସରକାର ଗତବର୍ଷ ଡିସେମ୍ବର ମାସରେ ଏହାର ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଚଳିତମାସ ପ୍ରଥମାର୍ଦ୍ଧରେ ଏହା ଉପରୁ କେନ୍ଦ୍ର ସରକାର କଟକଣା ହଟାଇବା ପରେ ଦେଶରୁ ପ୍ରାୟ ୨୦୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପିଆଜ ରପ୍ତାନୀ ହୋଇସାରିଲାଣି ବୋଲି  ଖାଉଟି ବ୍ୟାପାର ମନ୍ତ୍ରଣାଳୟ ସଚିବ ନିଧି ଖରେ କହିଛନ୍ତି। ଅଧିକାଂଶ ରପ୍ତାନୀ ପଶ୍ଚିମ ଏସିଆ ଏବଂ ବାଂଲାଦେଶକୁ ହେଉଛି।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଅବପାତରେ ପରିଣତ ହୋଇଛି । ଆସନ୍ତାକାଲି ସକାଳ ସୁଦ୍ଧା ବାତ୍ୟାର ରୂପ ନେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଏହା ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଉତ୍ତର-ପୂର୍ବ ଦିଗରେ ଗତି କରୁଛି । ଏହା ବାଂଲାଦେଶ କ୍ଷେପୁପରା ଉପକୂଳରୁ ୮୦୦ କିଲୋମିଟର ଦକ୍ଷିଣ-ଦକ୍ଷିଣପଶ୍ଚିମ ଏବଂ ପଶ୍ଚିମବଙ୍ଗ ଉପକୂଳରୁ ୮୧୦ କିଲୋମିଟର ଦକ୍ଷିଣରେ କେନ୍ଦ୍ରୀଭୂତ ହୋଇଛି । ମାତ୍ର ଏହି ବାତ୍ୟାର ପ୍ରଭାବ ଓଡ଼ିଶାରେ ପଡିବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ୨୬ ତାରିଖରେ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷାର ସମ୍ଭାବନା ଅଛି । ଆସନ୍ତା ୨୭ ତାରିଖରେ ମଧ୍ୟ ଉତ୍ତର ଓଡ଼ିଶାରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

********************************